# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପଡିଆ, ୬।୩(ଭାସ୍କର ରାଓ )

ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତ ମେଟାଗୁଡା ଗ୍ରାମରେ ଜଣେ ଯୁବକ ବୁଧବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଦିଆ ମୂଲୀ। ଖାଇସାରି ଶୋଇବା ପରେ ବିଳମ୍ବିତ ରାତିରେ ଶୋଇବା ଘରୁ ବାହାରି ପଛ ପଟ ଚାଳକୁ ଲାଗି ରହିଥିବା କାଠରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳ ପ୍ରାୟ ୬ ଟାରେ ତାଙ୍କ ଭାଉଜ ଉଠି ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀଙ୍କୁ ଅବଗତ କରିବା ସହ ପଦିଆଙ୍କ ଭାଇ ଦେବା ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ପରେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ଘଟଣାସ୍ଥଳକୁ ଯାଞ୍ଚକରି ଫଟ ସଂଗ୍ରହ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୁଣି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ. ୫/୨୫ ରୁଜୁକରି ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଅଧାରେ ଅଟକିଲା ଜନଶୁଣାଣି, ଚାଲିଗଲେ ଗାଁ ଲୋକ

- ଗ୍ରାମବାସୀଙ୍କୁ ଉପଯୁକ୍ତ ଉତ୍ତର ଦେଇ ପାରିଲାନି ପ୍ରଶାସନ
- ବାଲଡା ବକ୍ସାଇଟ୍ ଖଣି ପାଇଁ ଜନଶୁଣାଣି

ସୁନାବେଡା/ସେମିଳିଗୁଡା/କୋରାପୁଟ, ୬।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ ଅମିତାଭ ବେହେରା)

ଗ୍ରାମବାସୀଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇ ନ ପାରିବାରୁ ଜନ ଶୁଣାଣିରୁ ଉଠି ପଳାଇଲେ ଗ୍ରାମବାସୀ। ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା କେରାପୁଟ ଜିଲା ଲମତାପୁଟ ଯିବା ରାସ୍ତା ହାଣ୍ଡିପୁଟଠାରୁ ୩ଶହ ମିଟର ଦୂରରେ ହୋଇଥିବା ଜନ ଶୁଣାଣି ଶିବିରରେ।

ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ବାଲଡା ବକ୍ସାଇଟ୍ ଖଣି ପାଇଁ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା।। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗାଁର ବହୁ ସଂଖ୍ୟକ ମହିଳା ଓ ପୁରୁଷ ପାରମ୍ପରିକ ବେଶରେ ହାତରେ ପ୍ଲାକାର୍ଡ ଧରି କମ୍ପାନୀ ଓ ସରକାର ବିରୋଧୀ ନାରା ଦେଇ ବାଲଡାରୁ ଚାଲି ଚାଲି ଶିବିର ସ୍ଥଳରେ ପହଞ୍ଚିଥିଲେ। ସେଠାରେ ପ୍ରଶାସନିକ ଅଧିକାରୀଙ୍କ


ଜନ ଶୁଣାଣିରେ ସ୍ଥାନୀୟ ଯୋଗ ଦେଇଥିବା ସ୍ଥାନୀୟ ଲୋକ ।

ଜନ ଶୁଣାଣିକୁ ବିରୋଧ କରିଥିଲେ। ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ ନିଜ ଡଙ୍ଗର ଛାଡିବୁ ନାହିଁ ବୋଲି କହିଥିଲେ। ଗ୍ରାମର ଅଜୟ ମୁଦୁଲି ବହୁ ସାମ୍ବିଧାନିକ ନିୟମକୁ ନେଇ ପ୍ରଶ୍ନ ବାଣରେ ଅଧିକାରୀଙ୍କୁ ଛନ୍ଦିବା ସହ ସାମ୍ବିଧାନିକ ଆଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା କହିଥିଲେ। ଯେପରି ସମ୍ବିଧାନ ନିୟମ ମୁତାବକ ସିଡୁଲ୍ ୫ ଏରିଆରେ ଥିବା ଜମିକୁ କେହି ଅଣ-ଆଦିବାସୀ କିଣିପାରିବେ ତଥା ଲିଜ୍ ନେଇପାରିବେ ନାହିଁ ବୋଲି ଉଲ୍ଲେଖ ଥିବା ବେଳେ ସରକାର ଏହି ଆଇନର ଉଲ୍ଲଂଘନ କରୁଛନ୍ତି ବୋଲି କହିଥିଲେ। ତା'ଛଡା ଆଦାନୀ ଗ୍ରୁପ୍ ଆଦିବାସୀ କି ବୋଲି ପ୍ରଶ୍ନ କରିଥିଲେ। ଶେଷରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ତାଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇ ନ ପାରିବାରୁ ଉପସ୍ଥିତ ଗ୍ରାମବାସୀ ଶିବିର ଛାଡି ଚାଲି ଯାଇଥିଲେ।

ପ୍ରକାଶ ଯେ, ହାଣ୍ଡିପୁଟ ନିକଟ ବାଲଡା ଗ୍ରାମର ୧୪୪ ଦଶମିକ ୯୪୫ ହେକ୍ଟର ଜମି ତଥା ଭେଜା ମୌଜା ଖାତା ନଂ. ୨୭,ପ୍ଲଟ ନମ୍ବର-୨୨୫ ରେ ଥିବା ୨.୪୮ ଏକର ଅଞ୍ଚଳରୁ ବକସାଇଟ୍ ଉତ୍ତୋଳନ ପାଇଁ ଆଦାନୀ ଗ୍ରୁପ୍ ଲିଜ୍‌ଧାରୀ ମେସର୍ସ କଳିଙ୍ଗ ଆଲୁମିନା ଲିମିଟେଡ଼କୁ ଦିଆଯାଇଛି। ଯାହାର ବାର୍ଷିକ ଉତ୍ତୋଳନ କ୍ଷମତା ୪ ମିଲିୟନ ଟନ୍(ଏମଟିପିଏ) ଏବଂ ପିଟ ହେଡ ଘଣ୍ଟା ପ୍ରତି ୮୦୦ ଟନ୍(ଟିପିଏଚ) କ୍ରସ୍ ସ୍କ୍ରିନିଂ ରହିଛି। ଏହାର ପ୍ରଭାବରେ ନନ୍ଦପୁର ତହସିଲର ପାର୍ଶ୍ୱ ବର୍ତ୍ତୀ ୫ ପଞ୍ଚାୟତ ଯଥା ଭେଜା,ବାଲଡା, ଅତଣ୍ଡା, ବାଡେଲ ଓ କୁଲାବୀରର ପ୍ରାୟ ୨୧ରୁ ଅଧିକ ଗାଁର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ। ଅନୁଷ୍ଠିତ ଜନ ଶୁଣାଣିରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଆଲୋମଣି ସେଠୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋରାପୁଟ ଅଧିକାରୀ ଦିପେଶ ବିଶ୍ୱାଳ ଉପସ୍ଥିତ ଥିଲେ। କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବାକୁ କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ୮ ଡିଏସ୍‌ପି,୧୭ ଇନ୍ସପେକ୍ଟର ଓ ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ।

# ପାନୀୟଜଳ ସମସ୍ୟା ସୁଧାରିବାକୁ ପ୍ରଶାସନକୁ ଗୁହାରି

ପଟ୍ଟାଙ୍ଗି, ୬।୩(ଶରତ କୁମାର ଧଳ)

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଲାଗି ରହିଛି ପାନୀୟଜଳ ସମସ୍ୟା। ଯାହାକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକ।

ସୂଚନା ମୁତାବକ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ହେବାଠାରୁ ଆଜିଯାଏ ପାନୀୟଜଳ ଅସୁବିଧା ଲାଗି ରହିଛି। ଏ ସମ୍ପର୍କରେ ଅନେକଥର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆ ଯାଇ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ସ୍ଥାପିତ ହେବାପରେ ଏହା ବୋର୍‌ୱେଲ୍ କିଛି ଦିନ ଚାଲିବା ପରେ ପୁଣି ଖରାପ ହୋଇଯାଇଥିଲା। ବିଦ୍ୟାଳୟ ପକ୍ଷରୁ ମରାମତି କରିବାର କିଛି ଦିନ ପରେ ପାଣି ସୁଖି ଯିବାରୁ ଆଉ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇ ନ ଥିବା ବେଳେ ବର୍ତ୍ତମାନ କିଛି ଦିନ ହେଲା ବିଦ୍ୟାଳୟ ନିକଟରେ ନୂତନ ଭାବେ ନିର୍ମାଣ ହୋଇଥିବା ହଷ୍ଟେଲ୍‌ର ବୋର୍‌ୱେଲ୍‌ରୁ ପାଣି ଆଣି ବ୍ୟବହାର କରାଯାଉଛି।

ବର୍ତ୍ତମାନ ଉକ୍ତ ବୋରୱେଲ୍‌ରୁ ପାଣି ସୁଖିଯିବାରୁ ବିଦ୍ୟାଳୟରେ ଗତ ୧ ମାସ ହେଲା ପାଣି ସମସ୍ୟା ଦେଖାଦେଇଛି। ଯେଉଁଥିରେ କି ଛାତ୍ରମାନେ ଶୌଚାଳୟ ଯିବା ଏବଂ ପିଇବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଙ୍କ ସମସ୍ୟା ନ କହିବା ଭଲ। ବର୍ତ୍ତମାନ ଦିନକୁ


ନଷ୍ଟ ହୋଇଯାଇଥିବା ଜଳଯୋଗାଣ ପାଇପ୍।

ପରିସରରେ ପ୍ରଥମେ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଇ ଏକ ବୋରୱେଲ୍ ଖୋଳା ଯାଇଥିଲା। ଏଥିରୁ କିଛି ଦିନ ପାଣି ବାହାରିବା ପରେ ଜଳର କୌଣସି ସମସ୍ୟା ଦେଖା ଦେଇ ନ ଥିଲା । କିନ୍ତୁ କିଛି ମାସ ପରେ ବୋରୱେଲ୍‌ଟି ଖରାପ ହେବା ପରେ ବିଦ୍ୟାଳୟରେ ଦେଖାଦେଇଥିଲା ଜଳାଭାବ। ଯେଉଁଥିରେ କି ବିଦ୍ୟାଳୟ ପକ୍ଷରୁ ଅନେକ ଥର ଲିଖିତ ଦୃଷ୍ଟି ଆକର୍ଷଣ କରିବା ପରେ ପୁନର୍ବାର ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଦ୍ୱିତୀୟ ଥର ଅନ୍ୟ ଏକ ବୋର୍‌ୱେଲ୍ ଖୋଳା ଯାଇଥିଲା। ଉକ୍ତ ଦିନ ଖରା ବଢିବାରେ ଲାଗି ଥିବାବେଳେ ପାଣିର ଅସୁବିଧାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷୟିତ୍ରୀ ଶିକ୍ଷକ ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଚିଠି ଲେଖି ସମସ୍ୟା ସମ୍ପର୍କରେ ଗୁହାରି କରିଥିବା ଦେଖିବାକୁ ମିଳିଛି । ସେପଟେ ପାନୀୟଜଳ ବିଭାଗର ସହକାରୀ ଯନ୍ତ୍ରୀ ବାସୁଦେବ ଦାସ ବିଦ୍ୟାଳୟକୁ ଯାଇ ସମସ୍ୟା ଅନୁଧ୍ୟାନ କରିବି ବୋଲି କହିଛନ୍ତି ।

# ନଇଁ ପଡ଼ିଛି ବିଦ୍ୟୁତ୍ ଖୁଣ୍ଟ


ଅଧା ଶୋଇ ରହିଥିବା ବିଦ୍ୟୁତ୍ ଖୁଣ୍ଟ ।

କୋରୁକୋଣ୍ଡା,୬।୩(ଶିବଦତ୍ତ ସାହୁ )

## ବିନା ସୁରକ୍ଷା ପାଚେରିରେ ଟ୍ରାନ୍ସଫର୍ମର

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ପଞ୍ଚାୟତ ଏମ୍‌ଭି-୧୦୯ ଗ୍ରାମରେ ଦୀର୍ଘବର୍ଷ ଧରି ବିନା ସୁରକ୍ଷା ପାଚେରିରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ୧୦୦ କେଭି ଟ୍ରାନ୍ସଫର୍ମର। ବାଲିମେଳା ସହରରୁ ଏମ୍‌ଭି-୧୦୯ ଗ୍ରାମର ପ୍ରବେଶ ପଥ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ଚାରିପାଖରେ ବିଭାଗ ପକ୍ଷରୁ କୌଣସି ଆବଦ୍ଧ କରାଯାଇ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏପରିକି ରକ୍ଷଣାବେକ୍ଷଣ ଅଭାବରୁ ସେଠାରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ଏହି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ ନିମନ୍ତେ ସାହି ବାସିନ୍ଦା ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଉକ୍ତ ଟ୍ରାନ୍ସଫର୍ମରଠାରୁ ପ୍ରାୟ ୨୦୦ ମିଟର ଦୂରରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ତାର ଓ କେବୁଲ ସହ ନଇଁ ପଡିଛି।

ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଏହି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ନେଇ ଅନୁଦାନ ଆସିନାହିଁ। କିଛିଦିନ ପୂର୍ବେ ୫ଟି ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରି ନିର୍ମାଣ ନିମନ୍ତେ ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି। ତେବେ ନଇଁ ପଡ଼ିଥିବା ବିଦ୍ୟୁତ ଖୁଣ୍ଟକୁ ପୁନର୍ବାର ପୋତି ଦିଆଯିବ ବୋଲି କହିଥିଲେ।

# ଆମ ସଂସ୍କୃତି ଆମ ଖେଳନାର ବାର୍ଷିକ ଉତ୍ସବ

ମାଲକାନଗିରି, ୬।୩(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ସମୀରକାନ୍ତ ରଥଙ୍କ ଅଧ୍ୟକ୍ଷତାରେ ଆମ ସଂସ୍କୃତି ଆମ ଖେଳନାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଈଶ୍ୱରୀ ପଟ୍ଟନାୟକ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ମଧୁସ୍ମିତା ସେନାପତି, ପଙ୍କଜିନୀ ସାହୁ ଓ ଅମିତା ଚୌଧୁରୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ରଥ ପରିଚାଳନା କରିଥିଲେ। ସମସ୍ତ ଅତିଥି ଶିକ୍ଷାର ଆବଶ୍ୟକତା, ସଂସ୍କୃତି ଓ ଖେଳନାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଏହାପରେ ୫୦ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କନିଷ୍ଠ ଓ ବରିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦିଆ ଯାଇଥିଲା। ବିଜ୍ଞାନ କୁଇଜ୍‌ରେ ପ୍ରଥମ ଅଂଶୁମାନ ମାଛା, ଦ୍ୱିତୀୟ ନିକିତା ପଣ୍ଡା, ତୃତୀୟ ମାହି ରିତମ୍ ପଟ୍ଟନାୟକ ପୁରସ୍କୃତ ହୋଇଥିଲେ। ପୁରାତନ ଛାତ୍ର ସଂଘ ସଭାପତି ପଟ୍ଟନାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ପାଲିଙ୍କିରେ ୧୦ରୁ ଊର୍ଦ୍ଧ୍ୱ ବିସ୍ମୟ ପାରା ଦର୍ଶନକଲେ ଭକ୍ତ

କାଲିମେଳା, ୬।୩(ଜୀବନ କୃଷ୍ଣ ଦାସ )

## କାଙ୍ଗୁରୁକୋଣ୍ଡା ଅଭିମୁଖେ ୩ ଠାକୁର

ବଡ ଯାତ୍ରାର ଚତୁର୍ଥ ଦିନରେ ମା' ମୁତ୍ୟାଲୁଆମ୍ମାଙ୍କ ସହ ୩ ଠାକୁର କାଲିମେଳା ବଡଯାତ୍ରା ମଣ୍ଡପରେ ପୂଜା ପାଇ ସନ୍ଧ୍ୟାରେ ମାଲକାନଗିରି ସଦର ମହକୁମାକୁ ବିମାନ ଯୋଗେ ବାହାରିଥିଲେ। ଗୁରୁବାର ରାତିରେ ୩୨୬ ନମ୍ବର ଜାତୀୟ ରାଜପଥ କାଙ୍ଗୁରୁକୋଣ୍ଡା ଗ୍ରାମରେ ରାତ୍ରୀ ଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର କାଲିମେଳା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଠାକୁର ପାଲିଙ୍କିରେ ୧୦ରୁ ଊର୍ଦ୍ଧ୍ୱ ବିସ୍ମୟ ପାରା ବସି ରହୁଥିବା ବେଳେ ଏହାକୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ମନରେ ଉତ୍କଣ୍ଠା ଭରି ଦେଇଥିଲା ।


ପାଲିଙ୍କିଲେ ମା' ମୁତ୍ୟାଲୁଆମ୍ମାଙ୍କୁ ପରିକ୍ରମା କରାଯାଉଛି ।

# ପଞ୍ଚାୟତ ସମିତି ବୈଠକ

ଚିତ୍ରକୋଣ୍ଡା, ୬।୩(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ସଦର ବ୍ଲକ ସଭା ଗୃହରେ ନବମ ପଞ୍ଚାୟତ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ଖିଲ, ବିଡିଓ ପ୍ରିତା କୁମାର, ବିଧାୟକ ପ୍ରତିନିଧି ଦେଶୀ ଗୌଡ, ଜିଲା ପରିଷଦ ଜୋନ୍-୧ ସଦସ୍ୟା ବିନତୀ ଖିଲ, ଜିପିଇଓ ହେମନ୍ତ ଭୂୟାଁ, ରେଞ୍ଜର ବଳରାମ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଡା. ଖିରୋଦ ମହନ୍ତ, ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ଉପସ୍ଥିତ ଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସମିତିର ଉନ୍ନତିକରଣ ବିଷୟରେ ସମସ୍ତ ବିଭାଗ ଉପରେ ଆଲୋଚନା ହୋଇଥିଲା। ଜଳଯୋଗାଣ, ରାସ୍ତା ପୁନର୍ଗଠନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଗମନାଗମନ, ଜଙ୍ଗଲ ଜମି, କୃଷି, ଉଦ୍ୟାନ, ଶୁଭଦ୍ରା ହିତାଧିକାରୀ, ଭୋଟର ପରିଚୟ ପତ୍ର, ହେଷ୍ଟଲରେ ସିଏ ଓ ମାଟ୍ରନଙ୍କ ନିଯୁକ୍ତି ଆଦି ଉପରେ ପ୍ରଶ୍ନ ପଚାରିଥିଲେ। ଶେଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ।


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ୬ କେନ୍ଦ୍ରରେ ୧୨ ପରୀକ୍ଷାର୍ଥୀ ଅନୁପସ୍ଥିତ

କୁନ୍ଦୁରା, ୬।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ୧୫ ସରକାରୀ ଏବଂ ବେସରକାରୀ ଉଚ୍ଚ ବିଦ୍ୟାଳୟର ୧୨୩୨ ଛାତ୍ରୀ ଛାତ୍ର ୬ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ବିଭିନ୍ନ କେନ୍ଦ୍ରରେ ୧୨ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ୨୧ ଫେବୃଆରୀଠାରୁ ପରୀକ୍ଷା ଆରମ୍ଭ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ନୋଡାଲ ଉଚ୍ଚ ବିଦ୍ୟାଳୟ କୁନ୍ଦୁରା ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ, ସରୋଜ ପାଢ଼ୀ, ଅଖିଳ ଶତପଥୀ, ତ୍ରିନାଥ ରାଉତ, ଗିରିଜା ଖାଡ଼ଙ୍ଗା, ଯୁଗଳ କିଶୋର ପାତ୍ର ଓ ପ୍ରଧାନ ଶିକ୍ଷକମାନେ ପରୀକ୍ଷା କେନ୍ଦ୍ର ସୁରୁଖୁରୁରେ ପରିଚାଳନା କରିଥିଲେ। କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି କେନ୍ଦ୍ରଗୁଡିକରେ ପରୀକ୍ଷା ପରିଚାଳନା ବୁଲି ଦେଖିଥିଲେ। ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ସୁରକ୍ଷା ଦାୟିତ୍ୱ ପରିଚାଳନା କରିଛନ୍ତି।

# ଭଲ ପାଠପଢ଼ି ଗାଁ ମାଟିର ନାଁ ରଖିବା

ଗୋବିନ୍ଦପାଲି, ୬।୩(କାର୍ତ୍ତିକ ରଥ)

## ଘାଟି ସ୍କୁଲର ବାର୍ଷିକ ଉତ୍ସବ

ମାଲକାନଗିରି ଜିଲା ଘାଟି ସ୍କୁଲର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଉଦ୍ୟମକ୍ରମେ ଗୁରୁବାର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି ମୁଖ୍ୟଅତିଥି,ସମ୍ମାନୀତ ଅତିଥି ଭାବେ ଖବରଦାତା ମହେନ୍ଦ୍ର ପାଣିଗ୍ରାହୀ ଏବଂ ସାମାଜିକ କର୍ମୀ ସମର୍ ଜିତ୍ ଜେନା ଓ ଏସ୍‌ଏମ୍‌ସି ଅଧ୍ୟକ୍ଷ ମଧୁ ମାଳି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରଥ ମଞ୍ଚ ପରିଚାଳନା କରିଥିଲେ। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ କରାଯାଇଥିଲା। ପ୍ରଥମେ ଜେନା ନିଜ ଛାତ୍ର ଜୀବନର ଅନୁଭୂତି କହିଥିଲେ। ଗୋବିନ୍ଦପାଲି ସ୍କୁଲରେ ପଢୁଥିବା ସମୟରେ ସାରଙ୍କ ଅନୁସାଶନ ଓ ଭଲ ପାଇବା ବିଷୟରେ ମହେନ୍ଦ୍ର ପାଣିଗ୍ରାହୀ କହିଥିଲେ। ଛାତ୍ରୀ ଛାତ୍ରଙ୍କୁ ଭଲ ପାଠପଢି ଗାଁ ମାଟିର ନା ରଖିବାକୁ ମୁଖ୍ୟ ଅତିଥି ମୁଦୁଲି କହିଥିଲେ। ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଓ ବିଦ୍ୟାଳୟରେ ବିଭିନ୍ନ ଶୈକ୍ଷିକ ଓ ଅଣଶୈକ୍ଷିକ ଦିଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୂରାତନ ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଆକର୍ଷଣ ଥିଲା ସେଲ୍‌ଫି ପଏଣ୍ଟ। ସମସ୍ତଙ୍କ ସାହାଯ୍ୟ ସହଯୋଗ ପାଇଁ ପ୍ରଧାନ ଶିକ୍ଷକ ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରକାଶଯେ, ଗୁରୁବାର ଗୋବିନ୍ଦପାଲିର ପୁରାତନ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ନିଷ୍ପତ୍ତିକୁ ଜିଲାବ୍ୟାପୀ ପ୍ରତିବାଦ

ମାଲକାନଗିରି,୬।୩(ନୃସିଂହ ଚରଣ ମହାନ୍ତି)

ପଞ୍ଚାୟତିରାଜ ଦିବସ ପାଳନ ନ ହେବାରୁ ମାଲକାନଗିରି ଜିଲା ବିଜେଡି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନେତାମାନେ ପ୍ରତିବାଦ କରିବା ସହ ଏହାକୁ ଦୃଢ ନିନ୍ଦା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ ବିଜୁଙ୍କ କୃତୀକୁ ମଳିନ କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସରକାର ଏହାକୁ ଏପ୍ରିଲ ୨୪ ରେ ପାଳନ କରିବା ନିଷ୍ପରି ଦୁର୍ଭାଗ୍ୟଜନକ ଓ ସଂକୀର୍ଣ୍ଣ ମନୋଭାବର ପରିଚୟ ବୋଲି ବିଜୁ ଜନତା ଦଳ ତରଫରୁ କୁହାଯାଇଛି। ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା,ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ,କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ପତିତପାବନ ବୈଦ୍ୟ ଓ ପୌରାଧ୍ୟକ୍ଷ ମନୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତିରାଜ ଦିବସ ବାତିଲ ନିଷ୍ପତ୍ତିକୁ ବିରୋଧ

## ମାଥିଲି, ଖଇରପୁଟ ବ୍ଲକ ବିଜେଡି ପ୍ରତିବାଦ

ମାଥିଲି, ୬।୩(ସୁବାଷ ଚନ୍ଦ୍ର ଖୁଡୁପିଆ )

ମାଥିଲି ଓ ଖଇରପୁଟ ବ୍ଲକ ବିଜେଡି କର୍ମୀ ମିଳିତ ଭାବେ ମାଥିଲିରେ ପଞ୍ଚାୟତିରାଜ ଦିବସ ବାତିଲ ନିଷ୍ପତ୍ତିକୁ ବିରୋ କରି ପ୍ରତିବାଦ ସଭା କରିଥିଲେ।

ସୂଚନା ଅନୁଯାୟୀ,ଓଡିଶାରେ ସରକାର ବଦଳିବା ପରେ ଚଳିତ ବର୍ଷ ରାଜ୍ୟରେ ନୂଆ ଭାଜପା ସରକାର ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନ କରି ଏପ୍ରିଲ ୨୪ ରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାକୁ ରାଜ୍ୟ ବିଜେଡି ସମେତ ବ୍ଲକସ୍ତରୀୟ ନେତା ଓ କର୍ମୀମାନେ ବିରୋଧ କରିବା ସହ ବର୍ତ୍ତମାନର ସରକାରକୁ ନିନ୍ଦା କରିଛନ୍ତି। ଏହି ଅବସରରେ ବ୍ଲକ ସମ୍ମୁଖରେ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ପୂଜାରୀ ନେତୃତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ମାଥିଲି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ


ମାଥିଲିରେ ବିଜେଡି କର୍ମୀମାନେ ପ୍ରତିବାଦ କରୁଛନ୍ତି ।

ସଭ୍ୟ ହିରନ୍ୟ ମୁଦୁଲି,ସମସ୍ତ ନେତୃବୃନ୍ଦ ଖଇରୁପୁଟ ସଭାପତି ସାଧୁ ହନ୍ତାଳ, ପୂର୍ବତନ ବିଜେଡି ସଭାପତି ସଦାଶିବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ରଘୁନାଥ ପୂଜାରୀ,ସମସ୍ତ ସରପଞ୍ଚଙ୍କ ସମେତ ସରପଞ୍ଚ ସଂଘ ସଭାପତି ତଥା ମାଥିଲି ସରପଞ୍ଚ କାନାମ୍ ରାଜୁ ନାୟକ, ସରପଞ୍ଚ ମଧୁସୂଦନ ନାୟକ, ମେଙ୍କା ସରପଞ୍ଚ ରଞ୍ଜିତା ପୂଜାରୀ, ସରପଞ୍ଚ ସାଲିମି ବନ୍ଧୁ ଭୂମିଆ, ସରପଞ୍ଚ ମହୁପଦାର ବୃନ୍ଦାବତୀ ଦୁରୁଆ, ପାଙ୍ଗମ ସରପଞ୍ଚ ଇନ୍ଦ୍ର ନାୟକ, ଭେଜାଗୁଡା ସରପଞ୍ଚ ଭୀମସେନ ନାୟକ, ସରପଞ୍ଚ ମଙ୍ଗଳା ମାଢ଼ି, ଜିଲା ପରିଷଦ ସଭ୍ୟ ବୋଲି ମାଝୀ ଓ ବିଜେଡିର ଅନ୍ୟ କର୍ମକର୍ତ୍ତା ପ୍ରତିବାଦ ସଭାରେ ଯୋଗଦେଇ,ଭାଜପା ସରକାରର ଏଭଳି ନିଷ୍ପତିକୁ କଡ଼ା ସମାଲୋଚନା କରିଥିଲେ। ଭାଜପା କୁତ୍ସିତ ରାଜନୀତି କରୁଛି ବୋଲି କରଥିଲେ ।

ବିଜୁ ବାବୁଙ୍କ ଭଳି ଜଣେ ମହାନ ନେତା ଯିଏ ଓଡିଶାକୁ ନେଇ ସାରା ବିଶ୍ୱରେ ପରିଚିତ କରାଇଥିଲେ ତାଙ୍କୁ ଭାଜପା ଅସମ୍ମାନ କରୁଛି ବୋଲି ପୂର୍ବତନ ବିଜେଡି ସଭାପତି ସଦାଶିବ ପୁଜାରୀ ଏବଂ ଧୂଙ୍ଗିଆପୁଟ ସରପଞ୍ଚ ମଧୁସୂଦନ ନାୟକଙ୍କ ସମେତ ଦଳର ସମସ୍ତ ନେତା କହିଛନ୍ତି। ଖାଲି ସେତିକି ନୁହେଁ ଦୀର୍ଘ ୩ ଦଶନ୍ଧି ଧରି ଯାହାଙ୍କ ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା କାହିଁକି ହଠାତ୍ ଭାଜପା ସରକାର ଏହାର ତାରିଖ ବଦଳାଇ ଏପ୍ରିଲ ୨୪ କଲେ ତାହା ପ୍ରବାଦ ପୁରଷ ବିଜୁ ବାବୁଙ୍କ ସହ ଓଡିଶାବାସୀଙ୍କ ପାଇଁ ଏକ ବଡ ଅପମାନ ବୋଲି କହିଛନ୍ତି।

# ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ବିଜୁବାବୁଙ୍କୁ ଅପମାନ: ହିମିରିକା

■ ପ୍ରତିବାଦରେ ଧାରଣାଦେଲା ବିଜେଡି
■ ପୁଣି ସାମ୍ନାକୁ ଆସିଲା ଗୋଷ୍ଠୀ ବିବାଦ

ରାୟଗଡ଼ା,୬।୩(ଆଶିଷ ରଞ୍ଜନ ପଣ୍ଡା)

ବିଜେଡି ସରକାର ସମୟରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ସହ ରାଜ୍ୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା । ହେଲେ ଏବେ ଭାଜପା ଗଠିତ ନୂତନ ସରକାର ଏଥିରେ ପରିବର୍ତ୍ତନ କରିଛନ୍ତି । ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ହେବ ବୋଲି ରାଜ୍ୟ ସରକାର ଘୋଷଣାକରିବା ସହ ମାର୍ଚ୍ଚ ୫ରେ ଭୁବନେଶ୍ୱରରେ ବିଜୁ ଜୟନ୍ତୀ ପାଳନ କରିଥିଲେ ରାଜ୍ୟ ସରକାର । ଏହାକୁ ନେଇ ବିଜେଡି ଶିବିର ସରଗରମ ହୋଇଛି। ବିଜୁ ପଟ୍ଟନାୟକଙ୍କ ପ୍ରତି ଏହା ଅପମାନ ଏବଂ ରାଜ୍ୟ ସରକାର ଏଭଳି କରି ରାଜ୍ୟବାସୀଙ୍କୁ ମର୍ମାହତ କରିଛନ୍ତି ବୋଲି ରାୟଗଡ଼ା ଜିଲା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାୟଗଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ପକ୍ଷରୁ ପ୍ରତିବାଦ ଧାରଣା ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଓ ବିଧାୟିକା ପ୍ରାର୍ଥୀ ଅନସୂୟା ମାଝି ଯୋଗଦେଇ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ ।



ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଅନସୂୟା ମାଝି ଓ ଅନ୍ୟମାନେ ଧାରଣାରେ ବସିଛନ୍ତି ।

ବୁଧବାର ବିଜୁ ଜୟନ୍ତୀ ପାଳନ ବେଳେ ବିଜେଡିରେ ଦେଖାଦେଇଥିବା ଗୋଷ୍ଠୀ ବିବାଦ ଗୁରୁବାର ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ପ୍ରୋତ୍ସାହନରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ତଥା ବିଜୁବାବୁ ଓ ରାଜ୍ୟବାସୀଙ୍କୁ ଅପମାନ ବିରୋଧରେ ପ୍ରତିବାଦ ପୂର୍ବକ ଧାରଣା ଦେଇଥିଲା ଜିଲା ବିଜେଡି। ତେବେ ଅନ୍ୟପଟେ ଜାତୀୟ ରାଜପଥ କଡ଼ରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଧାୟିକା ପ୍ରାର୍ଥୀ ଅନସୂୟା ମାଝି, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଓ ବରିଷ୍ଠ ନେତା ପି.ଗୌରୀଶଙ୍କର ନିଜ ନିଜ ସମର୍ଥକଙ୍କ ସହ ପୃଥକ୍ ଭାବେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା।

ଦଳର ଏଭଳି ଗୋଷ୍ଠୀ ବିବାଦ କାରଣରୁ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କୋରାପୁଟ ଲୋକ ସଭା ଆସନ ସମେତ ଜିଲାର ୩ ବିଧାନସଭା ଆସନରେ ପରାଜିତ ହୋଇଥିଲା । ଏହା ପୂର୍ବରୁ ଦଳର ଗୋଷ୍ଠୀ ବିବାଦ କାରଣରୁ ୨୦୧୯ରେ ମଧ୍ୟ ଦଳ ହାତରୁ ଖସିଯାଇଥିଲା ରାୟଗଡ଼ା ବିଧାନସଭା ଆସନ ଓ କୋରାପୁଟ ଲୋକ ସଭା ଆସନ । ଏବେ ରାଜ୍ୟରେ ଶାସନ ଗାଦିରୁ ହଟିଥିବା ବିଜେଡି ଏଭଳି ଗୋଷ୍ଠୀ କନ୍ଦଳ ଯୋଗୁ ଆଗକୁ ଥିବା ପଞ୍ଚାୟତ ନିର୍ବାଚନ ମଧ୍ୟ ହାତରୁ ଖସିଯାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପଟେ ନିର୍ବାଚନ ପରେ ନିକଟରେ ବିଜେଡି ପକ୍ଷରୁ ବିଭିନ୍ନ ଜିଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ ମଧ୍ୟ ରାୟଗଡ଼ା ଜିଲାର ଦାୟିତ୍ୱ କାହାକୁ ଦିଆଯାଇନାହିଁ । ଅନ୍ୟପଟେ ଆଗକୁ ଜିଲା ସଭାପତି ପାଇଁ ନାମାଙ୍କନ ହେବାକୁ ଥିବାରୁ ସଭାପତି ପଦ ହାତେଇବା ନିମନ୍ତେ ଏହି ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହୁଥିବା କର୍ମୀ ମହଲରେ ଆଲୋଚନା ଜୋର ଧରିଛି । ତେବେ ଜିଲା ସଭାପତି ଭାସ୍କର ରାଓ ଅସୁସ୍ଥ ଥିବାରୁ ସେ ୨ଦିନ ହେଲା କୌଣସି କାର୍ଯ୍ୟକ୍ରମରେ ସାମିଲ ହୋଇପାରିନାହାନ୍ତି। ଏହି ଗୋଷ୍ଠୀ ବିବାଦକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝିଙ୍କୁ ପଚାରିବାରୁ ଦଳ ଭିତରେ ସେଭଳି ଗୋଷ୍ଠୀ କନ୍ଦଳ ନାହିଁ । ଭିତରେ ଜାଗା ନ ଥିବାରୁ ବାହାରେ ବସିଛୁ ବୋଲି କହିଥିଲେ। ଏ ନେଇ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା କହିଛନ୍ତି, ରାଜ୍ୟ ସଭାପତି ଓ ଜିଲା ସଭାପତିଙ୍କ ନେତୃତ୍ୱରେ ଜିଲା ବିଜେଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ହେଉଛି । ବାହାରେ ପୃଥକ୍ ଭାବେ କାହିଁକି ସେମାନେ ବସିଛନ୍ତି ତାହା ସେମାନଙ୍କୁ ପଚାରିଲେ କହିବେ ବୋଲି କହିଥିଲେ ।

## ଟ୍ରେନ୍‌ରୁ ପଡ଼ି ଯବାନ ଗୁରୁତର, ଭୁବନେଶ୍ୱରକୁ ଏୟାରଲିଫ୍ଟ


ଗୁରୁତର ଯବାନଙ୍କୁ ଏୟାରଲିଫ୍ଟ କରାଯାଉଛି।

ରାୟଗଡ଼ା/ମୁନିଗୁଡ଼ା,୬।୩(ଆଶିଷ ରଞ୍ଜନ ପଣ୍ଡା/ ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନଠାରେ ଗୁରୁବାର ଚଳନ୍ତା ଟ୍ରେନ୍‌ରୁ ଖସି ପଡି ଜଣେ ବିଏସଏଫ୍ ଯବାନ ଗୁରୁତର ଆହତ ହୋଇଛନ୍ତି। ବିଏସ୍ଏଫ୍ ଷ୍ଟାଫ୍‌ଙ୍କ ସମେତ ସ୍ଥାନୀୟ ରେଲୱେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସଙ୍କ ସହାୟତାରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜେକେପୁର ଅସ୍ଥାୟୀ ହେଲିପ୍ୟାଡ୍‌ରୁ ବିଏସ୍ଏଫ୍ ହେଲିକପ୍ଟର ଯୋଗେ ଭୁବନେଶ୍ୱରକୁ ଏୟାରଲିଫ୍ଟ କରାଯାଇଛି । ଆହତ ଯବାନ ଜଣକ ହେଲେ ଅଶୋକ କୁମାର ମୀନା । ସେ କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ୧୩୬ ବାଟାଲିୟନ ବିଏସ୍ଏଫ୍‌ର କନଷ୍ଟେବଲ ବୋଲି ଜଣାପଡିଛି । ଅଶୋକ ଗୁରୁବାର ଜଗଦଲପୁର-ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ୍ ଯୋଗେ ବାଟାଲିୟନର ଅନ୍ୟ ୬ଜଣଙ୍କ ସହ ମିଶି କୋରାପୁଟରରୁ ମୁନିଗୁଡାକୁ ଆସୁଥିଲେ। ଟ୍ରେନଟି ମୁନିଗୁଡା ରେଳ ଷ୍ଟେଶନରେ ପହଞ୍ଚିଥିବା ବେଳେ କୌଣସି କାରଣବଶତଃ ଯବାନ ଅଶୋକ ଭାରସାମ୍ୟ ହରାଇ ଟ୍ରେନ ଚକା ତଳେ ଖସି ପଡିଥିଲେ । ଫଳରେ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ ଭାବେ କଟିଯାଇଛି। ଆର୍‌ପିଏଫ୍ ଏଏସ୍ଆଇ କେ.ସ୍ୱୟଂମ ପ୍ରକାଶ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯବାନଙ୍କୁ ଉଦ୍ଧାରକରି ଅନ୍ୟ ଆର୍‌ପିଏଫ୍ ଅଧିକାରୀ ଡି.କେ.ଗୁର୍ଜରଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ନିମନ୍ତେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ମୁନିଗୁଡା ଆର୍‌ପିଏଫ୍ ଥାନା କେସ୍ ନମ୍ବର ୪/୨୦୨୫ରେ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ କେ.ସ୍ୱୟଂମ ପ୍ରକାଶ ସୂଚନା ଦେଇଛନ୍ତି ।

## ସୁଭଦ୍ରା ଯୋଜନାର ପଥପ୍ରାନ୍ତ ଉତ୍ସବ


ନୃତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ଗୁଣପୁର,୬।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ପଥପ୍ରାନ୍ତ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛ। ଏହିଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକର ଅର୍ଥ ଅଧିକାରୀ ଉମାକାନ୍ତ ସାହୁ, ଭାଜପା ନେତା ପ୍ରମୋଦ କୁମାର ସାହୁ , ଅତିଥି ଭାବେ ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ କଲ୍ୟାଣୀ ମହାକୁଡ , ସାମାଜିକ କର୍ମୀ ପିଙ୍କି ମହାପାତ୍ର, ମିନତୀ ବିଶୋୟୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଡିପିଓ ସୁଷମା ପ୍ରସାଦ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ନୃତ୍ୟ ମାଧ୍ୟରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ଗଣେଶ, ବିଶ୍ୱକର୍ମା, ଆୟାପ୍ପାଙ୍କ ମନ୍ଦିର ପ୍ରତିଷ୍ଠା



ପଦ୍ମପୁର, ୬।୩ (ପ୍ରଶାନ୍ତ କୁମାର କର)

ପଦ୍ମପୁର ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱରେ ପଦ୍ମପୁର ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ ତରଫରୁ ନିର୍ମିତ କରାଯାଇଥିବା ଶ୍ରୀ ଗଣେଶ, ଶ୍ରୀ ବିଶ୍ୱକର୍ମା ଓ ଶ୍ରୀ ଆୟାପ୍ପାଙ୍କ ମନ୍ଦିର ଓ ବିଗ୍ରହଙ୍କୁ ପ୍ରତିଷ୍ଠା ଉତ୍ସବ ଚାଲିଛି। ଗତ ୧ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଶୁକ୍ରବାର ସମାପନ ହେବ। ଉତ୍ସବର ପ୍ରଥମ ଦିନ ଦୀକ୍ଷା ଗ୍ରହଣ, ମଙ୍ଗଳାରୋପଣ, ଜଳଯାତ୍ରା,ଅଙ୍କୁରାରୋପଣ କରାଯାଇଥିଲା। ଦ୍ୱିତୀୟ ଦିନ ବ୍ରାହ୍ମଣ ବରଣ, ଶାଳା ସଂସ୍କାର, ସୂର୍ଯ୍ୟ ପୂଜା, ବୈଦିକାଗ୍ନି ସ୍ଥାପନ, ତୃତୀୟ ଦିନ ଗୋପୂଜନ, ପାର୍ଶ୍ୱ ଦେବତା ସଂସ୍ଥାପନ, ଚତୁର୍ଥ ଦିନ ନିତ୍ୟପୂଜା, କୁମ୍ଭନ୍ୟାସ, ମୁଖ୍ୟ ଦେବତା ସହ ପାର୍ଶ୍ୱ ଦେବତାଙ୍କୁ ମହାସ୍ନାନ ଓ ପଞ୍ଚମ ଦିବସରେ ମୁଖ୍ୟ ଦେବତା ସହ ପାର୍ଶ୍ୱ ଦେବତାଙ୍କୁ ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ, ଷଷ୍ଠ ଦିବସରେ ବିଜେ ପ୍ରତିମାଙ୍କୁ ନଗର ପରିକ୍ରମା, ଚକ୍ର ତ୍ରିଶୂଳ ସ୍ଥାପନ, ଦେବତାମାନଙ୍କୁ ସିଂହାସନ ବିଜେ ଏବଂ ସପ୍ତମ ଦିବସରେ ନାମ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ପରିକ୍ରମା ଅନୁଷ୍ଠିତ ହେବ। ପଣ୍ଡିତ ନୃସିଂହ ପ୍ରସାଦ ସାମନ୍ତରାୟ ଓ ବିଷ୍ଣୁ ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପଦ୍ମପୁର ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ ତଥା ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତେ ସହଯୋଗ କରିଥିଲେ।

## ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ

### ସରିଲା ମାଟ୍ରିକ୍ ପରୀକ୍ଷା

ରାୟଗଡ଼ା,୬।୩(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ମାଟ୍ରିକ୍ ପରୀକ୍ଷା ଗୁରୁବାର ଶେଷ ହୋଇଛି। ତେବେ ରାୟଗଡ଼ା ଜିଲାରେ ୬ ଦିନରେ ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରତିଦିନ ଯେଉଁ ରିପୋର୍ଟ ଦାଖଲ ହେଉଛି ସେଥିରେ ଏହି ତଥ୍ୟ ରହିଛି। ପ୍ରଥମ ଦିନ ଓଡ଼ିଆ ବିଷୟରେ ୨୦୪, ଦ୍ୱିତୀୟ ଦିନ ଇଂଲିଶ ବିଷୟରେ ୨୦୫, ତୃତୀୟ ଦିନ ଗଣିତ ବିଷୟରେ ୧୯୮, ଚତୁର୍ଥ ଦିନ ସାଧାରଣ ବିଜ୍ଞାନରେ ୨୨୫, ପଞ୍ଚମ ଦିନ ସାଧାରଣ ବିଜ୍ଞାନରେ ୨୧୩ ଓ ଗୁରୁବାର ଶେଷ ଦିନ ତୃତୀୟ ଭାଷାରେ ୨୧୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତେବେ ଛାତ୍ରୀଛାତ୍ର ଫର୍ମ ପୂରଣ କରିବା ପରେ ପରୀକ୍ଷା ଦେବାକୁ କାହିଁକି ଆସିଲେନି ବୋଲି ପ୍ରଶ୍ନ ଉଠୁଛି। ସେ ସମ୍ପର୍କିତ ତଥ୍ୟ କିନ୍ତୁ କାହା ନିକଟରେ ନାହିଁ।

ଉଭୟ ଶିକ୍ଷା ଓ ମଙ୍ଗଳ ବିଭାଗର ୧୦ ହଜାର ୩୪୦ ଜଣ ଛାତ୍ରୀଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ପାଇଁ ଆଡମିଟ କାର୍ଡ ମଧ୍ୟ ପ୍ରଦାନ ହୋଇଥିଲା। ତେବେ ଠିକ୍ ପରୀକ୍ଷା ବେଳେ ଦୈନିକ ୨୦୦ ଜଣ ପାଖାପାଖି ଅନୁପସ୍ଥିତ ରହିଥିଲେ। ତେବେ ଅନୁସନ୍ଧାନରୁ ଜଣାଯାଇଛି, ଏହିସବୁ ପିଲା ବିଦ୍ୟାଳୟରେ ନାମ ଲେଖାଇଥିଲେ ସତ। କିନ୍ତୁ ନାମ ଲେଖାଇବାର କିଛିଦିନ ପରେ ସେମାନେ ଅଧାରୁ ପାଠ ଛାଡି ଦେଇଛନ୍ତି। କିନ୍ତୁ ସେମାନଙ୍କ ବିଦ୍ୟାଳୟ ଉପସ୍ଥାନ ତାଲିକାରେ ଗଡୁଛି। ବିଭାଗ ଦ୍ୱାରା ପ୍ରଶ୍ନ କରାଯିବା ଭୟରେ ଅନେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ନାମକୁ ବାଦ ନ ଦେଇ ରଖିଥିବା ଏବଂ ଫର୍ମ ପୂରଣ ସମୟରେ ସେମାନଙ୍କ ନାମରେ ଫର୍ମ ପୂରଣ କରୁଥିବା ସନ୍ଦେହ ସୃଷ୍ଟି ହୋଇଛି । କେବଳ ସେତିକି ନୁହେଁ ଉକ୍ତ ପିଲାଙ୍କ ନାମରେ ଯେଉଁ ଅନୁଦାନ ବର୍ଷତମାମ ଆସିଲା ତାହା ହଡପ ହେଉଥିବା ନେଇ ଚର୍ଚ୍ଚା ଚାଲିଛି। ସରକାର ଯଦି ଭିଜିଲାନ୍ସ ଦ୍ୱାରା ଏହାର ତଦନ୍ତ କରାଇବେ ତେବେ ଏହି କେଳେଙ୍କାରୀ ପଦାକୁ ଆସିପାରିବ ବୋଲି ଅନେକ ଶିକ୍ଷାବିତ୍ ମତପ୍ରକାଶ କରିଛନ୍ତି। ଦୁର୍ନୀତି କରିବାର ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବୁଦ୍ଧିଜୀବୀ କହିଛନ୍ତି। ପ୍ରତିବର୍ଷ ଏହିଭଳି ଘଟି ଚାଲିଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ପିଲା କେଉଁ କାରଣରୁ ଅନୁପସ୍ଥିତ ରହୁଛନ୍ତି ତାହା ଜଣାପଡ଼ିନାହିଁ। ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେବା ପରେ ଜଣାପଡ଼ିବ। ତେବେ କୌଣସି ନକଲି ଫର୍ମ ପୂରଣ ହୋଇ ନ ଥିବା ସେ କହିଛନ୍ତି।

### ଚନ୍ଦ୍ରପୁରରେ ୩ କେନ୍ଦ୍ରରେ ୩୯୫ ପରୀକ୍ଷାର୍ଥୀ

ଚନ୍ଦ୍ରପୁର, (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚନ୍ଦ୍ରପୁର ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଡାଙ୍ଗସୋରଡା ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଶାନ୍ତିଶୃଙ୍ଖଳା ସହ ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ୩କେନ୍ଦ୍ରରେ ମୋଟ ୩୯୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କେନ୍ଦ୍ରରେ କେଶବ ବେହେରା ମଣ୍ଡଳ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ ଏନ୍. ଆପଲ ରାଜୁ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ। ସେହିପରି ଚନ୍ଦ୍ରପୁର ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଉକ୍ତ କେନ୍ଦ୍ରରେ ଗୌରହରି ସାହୁ ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱ ତୁଲାଇଥିଲାବେଳେ ଗୌରପ୍ରସାଦ ପରିଡ଼ା ସହକାରୀ ନିୟନ୍ତ୍ରକ ଭାବେ ଦାୟିତ୍ୱ ବହନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ। ସେହିପରି ଡାଙ୍ଗସୋରଡା ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ରରେ ୧୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉକ୍ତ କେନ୍ଦ୍ରରେ ମୃତ୍ୟୁଞ୍ଜୟ ପଟ୍ଟନାୟକ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲା ବେଳେ ସୁରତ କୁଶୁଲିଆ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ। ପୋଲିସ ଦ୍ୱାରା ଶୃଙ୍ଖଳା ରକ୍ଷା କରାଯାଇଥିଲା ବେଳେ ଚନ୍ଦ୍ରପୁର ତହସିଲଦାର ଭାସ୍କର ଚନ୍ଦ୍ର ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ।


ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇ ଫେରୁଛନ୍ତି।

## ଗଙ୍ଗାଦେବୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା


ମହିଳାମାନେ ମୁଣ୍ଡରେ କଳସ ଧରି ଆସୁଛନ୍ତି।

ଟିକିରି,୬।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିର ଅଧିଷ୍ଠାତ୍ରୀ ଦେବୀ ମା' ଗଙ୍ଗାଦେବୀ ଠାକୁରାଣୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଅଗ୍ନିଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ମହିଳା ନିକଟସ୍ଥ ପୋଖରୀରେ ପୂଜାପାଠ କରି କଳସ ମୁଣ୍ଡାଇ ଗ୍ରାମ ପରିକ୍ରମାକରି ମନ୍ଦିରରେ ପହଞ୍ଚିଥିଲେ। ସକାଳେ କଳସଯାତ୍ରା ପରେ ଅଙ୍କୁରାରୋପଣ, ମଣ୍ଡଳ କରଣ ହୋଇଥିଲା। ମନ୍ଦିର ପୂଜକ ଉମାଶଙ୍କର ଦଣ୍ଡସେନା ପୂଜା କାର୍ଯ୍ୟ ତୁଲାଉଛନ୍ତି। ୭ ତାରିଖରେ କର୍ମାରମ୍ଭ, ଅଗ୍ନିସ୍ଥାପନ,ଗର୍ଭାଧାନ, ବନଯୋଗ ଏବଂ ୮ରେ ରତ୍ନମୁଦ, ମହାସ୍ନାନ, ଶୟନ କାର୍ଯ୍ୟକ୍ରମ ଥିବାବେଳେ ୯ରେ ପ୍ରାଣ ପ୍ରତିଷ୍ଠା ଏବଂ ୧୦ରେ ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ସନ୍ତୋଷ ମହାନ୍ତି ସୂଚନା ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କ ଅସୁବିଧା ସମ୍ପର୍କରେ ବୁଝିଲେ ଜିଲା ମଙ୍ଗଳ ଅଧିକାରୀ

ଚନ୍ଦ୍ରପୁର, ୬।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଗୁରୁବାର ଅଚାନକ ଚନ୍ଦ୍ରପୁର ବ୍ଲକର ବୁଢ଼ିବାଲି ପଞ୍ଚାୟତ ଅଧୀନ ନେହୁରୁପଙ୍ଗା ଏସ୍ଏସ୍‌ଡି ବିଭାଗର ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଆଶ୍ରମ ସ୍କୁଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଠପଢା ସହ ରହିବା, ଖାଇବା ଏବଂ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ବୁଢିବାଲି, ହାକୁସପଙ୍ଗା, କନ୍ୟାଶ୍ରମ ରାଇବିଜି, ଚନ୍ଦ୍ରପୁରର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଡାକି ବିଦ୍ୟାଳୟର ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ରାଓ ଚନ୍ଦ୍ରପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଫେରିଯାଇଥିଲେ।


ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

## ସମ୍ପାଦକ ପାଇଁ ୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

### ଗୁଣପୁର ଓକିଲ ସଂଘ ନିର୍ବାଚନ

ଗୁଣପୁର,୬।୩ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଆସନ୍ତା ୨୯ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ଗୁରୁବାର ଦ୍ୱିତୀୟ ଦିନରେ ୩ଟି ନାମାଙ୍କନପତ୍ର ଦାଖଲ ହୋଇଛି। ସମ୍ପାଦକ ପଦ ପାଇଁ ପ୍ରବୀଣ ପଟ୍ଟନାୟକ ଏବଂ ବିଶ୍ୱନାଥ ସାହୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ମନୋଜ କୁମାର ରତ୍ନାଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନରେ ୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସଭାପତି ପାଇଁ ଗୌରୀ ଶଙ୍କର ଦାସ, ଉପ ସଭାପତି ହିମକାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ମିହିର ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଥିଲେ। ୨ ଦିନରେ ୫ଟି ପଦବୀ ପାଇଁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୮ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୯ ତାରିଖ ଅପରାହ୍ନ ୩ରୁ ୫ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ହେବ । ୧୦ ତାରିଖରେ କାଏମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୧୨ ତାରିଖ ୧୧ଟାରୁ ୩ଟା ୩୦ ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ଚୂଡ଼ାନ୍ତ ତାଲିକା ୧୩ ତାରିଖରେ ପ୍ରକାଶ ପାଇବ । ୨୯ ତାରିଖ ସକାଳ ୮ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଏବଂ ୪ଟାରୁ ଭୋଟ ଗଣତି ହେବ । ଗଣତି ସରିବା ପରେ ଫଳାଫଳ ପ୍ରକାଶ ପାଇଁ କାର୍ଯ୍ୟସୂଚୀ ରହିଛି।


ସମ୍ପାଦକ ପାଇଁ ପ୍ରବୀଣ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନକୁ ନେଇ ବିଜେଡିର ପ୍ରତିବାଦ



ଗୁଣପୁର,୬।୩ ( ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ତାରିଖକୁ ପରିବର୍ତ୍ତନ କରିବା ପ୍ରତିବାଦରେ ରାଜ୍ୟ ବିଜେଡିର ଆହ୍ୱାନକ୍ରମେ ଗୁଣପୁର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁରର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣପୁର, ଗୁଡ଼ାରି, ରାମନାଗୁଡ଼ା, ପଦ୍ମପୁର, ଚନ୍ଦ୍ରପୁର ବ୍ଲକର ବହୁ ବିଜୁପ୍ରେମୀ ଯୋଗଦେଇ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଏହାର ଦୃଢ଼ ପ୍ରତିବାଦ କରିଥିଲେ ।

## ସ୍ୱତନ୍ତ୍ର ଅଂଶୁଘାତ କକ୍ଷ, ଜଳଛତ୍ର ଖୋଲିବା ଉପରେ ଗୁରୁତ୍ୱ

### ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ପ୍ରସ୍ତୁତି ବୈଠକ

ରାୟଗଡ଼ା,୬।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ଉପଯୁକ୍ତ ପରିମାଣ ଓଆର୍ଏସ୍ ପ୍ୟାକେଟ ଏବଂ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନ୍ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ଜିଲା ପରିଷଦ ଇଓ ଅକ୍ଷୟ କୁମାର ଖେମୁଣ୍ଡୁ ବୈଠକରେ ବିଡିଓମାନଙ୍କୁ ସୂଚନା ଦେଇଥିଲେ । ଜିଲାର ସମସ୍ତ ଗ୍ରାମରେ ଜଳକ୍ଲିଷ୍ଟ ସ୍ଥାନଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବା, ଅଚଳ ନଳକୂପ, ସୌର ଚାଳିତ ନଳକୂପଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ଗ୍ରାମୀୟ ଜଳ ଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଗ୍ରୀଷ୍ମଦିନରେ ବିଶେଷକରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟିଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର ଏବଂ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ, ବ୍ଲକ, ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ ଜେନା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲା ଜରୁରିକାଳୀନ ଅଧିକାରୀ ମନୋଜ କୁମାର ନାହାକ ଯୋଗଦାନ କରିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ସୁଭଦ୍ରା ଯୋଜନା ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୬।୩(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ଓ ଆଇସିଡିଏସ୍ ପକ୍ଷରୁ ସୁଭଦ୍ରା ଯୋଜନା ନେଇ ସଚେତନତା ଶୋଭାଯାତ୍ରା ଗୁରୁବାର ସକାଳ ୯ଟାରେ ବାହାରିଥିଲା। ଏହାକୁ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉଦ୍ଘାଟନ କରିଥିଲେ। ପୌରପାଳିକାର ପାର୍କିଂସ୍ଥଳରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଠାରେ ସିଡିପିଓ କାଞ୍ଚନ ପଣ୍ଡା, ପୌର କର୍ମଚାରି, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

### ମିଲେଟ୍ କାଫେ ଉଦ୍ଘାଟିତ

ଜୟପୁର, ୬।୩(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ସମ୍ମୁଖରେ ଏକ ମିଲେଟ୍ କାଫେକୁ ଗୁରୁବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବହୀ ଅଧିକାରୀ ଆକାବରମ ଶଶ୍ୟା ରେଡ୍ଡୀ, ସିଡିପିଓ କାଞ୍ଚନ ପଣ୍ଡା, ପୌର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ପ୍ରତାପ ଆଚାର୍ଯ୍ୟ, ଚୈତନ୍ୟ ବାସକି, କାଉନସିଲରମାନେ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, କାଫେ ଟି ୧୨ ଲକ୍ଷ ୫୦ ହଜାର ଟଙ୍କା ବିନିମୟରେ ନିର୍ମାଣ ହୋଇଛି। ଏହା ଦ୍ୱାରା କୋରାପୁଟ ଜିଲା ମାଣ୍ଡିଆ ଜାତୀୟ ଖାଦ୍ୟର ପ୍ରସାର ହୋଇପାରିବ। ଏଠାରେ ମାଣ୍ଡିଆ କେକ, ପୋଡ଼ ପିଠା, ଲସି, ମାଣ୍ଡିଆ ଚା ଆଦି ବିକ୍ରି କରାଯିବ।

### ମହିଳା ଦିବସକୁ ସଂଘର୍ଷ ଦିବସ ଭାବେ ପାଳନ ପାଇଁ ମାଓବାଦୀ ସଂଗଠନର ଆହ୍ୱାନ

ମାଲକାନଗିରି,୬।୩(ନୃସିଂହ ଚରଣ ମହାନ୍ତି)

ମାଓ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସକୁ ସଂଘର୍ଷ ଦିବସ ଭାବେରେ ପାଳନ ପାଇଁ ଆହ୍ୱାନ ଦିଆଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ନୋଟ ଜାରି କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଛତିଶଗଡ ବସ୍ତର ଜିଲା ଏବଂ ଅବୁଝମାଡ ଅଞ୍ଚଳରେ ପୋଲିସ ପକ୍ଷରୁ ସାମରିକ ଛାଉଣି କରି ଆଦିବାସୀଙ୍କ ଅସ୍ତିତ୍ୱକୁ ନଷ୍ଟ କରାଯାଉଛି ବୋଲି ସଙ୍ଗଠନ ଅଭିଯୋଗ କରିଛି। ମାଓବାଦୀମାନେ ସ୍ୱୀକାର କରିଛନ୍ତ, ଗୋଟିଏ ବର୍ଷରେ ମୃତ୍ୟୁ ଘଟିଥିବା ୩ଶହ ମାଓବାଦୀଙ୍କ ମଧ୍ୟରୁ ୬୦ ମହିଳା ମାଓବାଦୀ ରହିଛନ୍ତି। ତେଣୁ ଏମାନେ ମହିଳା ଦିବସକୁ ସଂଘର୍ଷ ଦିବସ ଭାବେ ପାଳନ କରି ମୃତ ମହିଳା ମାଓବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆହ୍ୱାଦ ଦେଇଛନ୍ତି। ସଙ୍ଗଠନର ଦକ୍ଷିଣ ଉପ ଜୋନାଲ ବ୍ୟୁରୋ ଅଧୀନରେ ଥିବା ଆଦିବାସୀ ମହିଳା ସଙ୍ଗଠନ ନେତ୍ରୀ ମନିଲା ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି।

# କର୍ମସଂସ୍ଥାନ ପାଇବା ଦିଗରେ ତାଲିମ, କାଉନସେଲିଂ ବ୍ୟବସ୍ଥାକୁ ଗୁରୁତ୍ୱ

**ଜିଲା ଦକ୍ଷତା ବିକାଶ ମିଶନ, ଜିଲା ଦକ୍ଷତା କମିଟି ବୈଠକ**

ନବରଙ୍ଗପୁର, ୬।୩(ସଦାଶିବ ପ୍ରହରାଜ)


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ଜିଲା ଦକ୍ଷତା ବିକାଶ ମିଶନ ଏବଂ ଜିଲା ଦକ୍ଷତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ସିଡିଏଓ, ଡିଏସ୍ଡବ୍ଲ୍ୟୁଓ, ସିଡିଭିଓ, ଡିଏଫ୍ଓ, ଡି ଆଇପିଆରଓ, ଓର୍ମାସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଆଇଟିଆଇ ଏବଂ ପଲିଟେକ୍ନିକ୍ ଅଧକ୍ଷ, ଟ୍ରେନିଂ ପ୍ରଦାନକାରୀ ସଂସ୍ଥା ଗାୟତ୍ରୀ ଏଜୁକେଶନ ଆଣ୍ଡ ଚାରିଟେବୁଲ, ଓରିକ୍ସ ସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ। ଜିଲା ନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ ୨୦୨୪-୨୫ ଆର୍ଥିକ ବର୍ଷରେ ନିଆଯାଇଥିବା ବିଭିନ୍ନ ନିଯୁକ୍ତି ସମ୍ବନ୍ଧୀୟ ପଦକ୍ଷେପ, ତାଲିମ ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଥିବା ଯୁବତୀଯୁବକ ଯେଭଳ ଦୀର୍ଘଦିନ ଧରି କାର୍ଯ୍ୟ କରିବେ, ଜିଲାରୁ ଅଧିକରୁ ଅଧିକ କର୍ମସଂସ୍ଥାନ ପାଇବେ ସେଥିପାଇଁ ଆବଶ୍ୟକ ତାଲିମ ଓ ପ୍ରୋସାହନମୂଳକ ପରାମର୍ଶ ଓ କାଉନସେଲିଂ ବ୍ୟବସ୍ଥା କରିବା ଉପରେ ଅତିରିକ୍ତ ଜିଲାପାଳ ବର୍ମନ ଗୁରୁତ୍ୱ ଦେବାକୁ କହିଥିଲେ।

ଜିଲା ନିଯୋଜନ ଅଧିକାରୀ ପିପିଟି ମାଧ୍ୟମରେ ନାନୋ ୟୁନିକୋର୍ନ ଆସେସ୍ମେଣ୍ଟ, ପିଏଲ୍ପି,ପି ଏମ ଇର୍ଣ୍ଟର୍ନଶପ, ନୂଆ ଓଡ଼ିଶା, ଜାପାନରେ ନର୍ସିଂ ନିଯୁକ୍ତି, ୱାଲ୍ଡ ସ୍କିଲ ସେଣ୍ଟରରେ ତାଲିମ, ଜବ୍ ଡ୍ରାଇଭ୍ ଉପରେ ସବିଶେଷ ତଥ୍ୟ ଦେଇଥିଲେ। ନଭେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ ମଧ୍ୟରେ ଜିଲାରେ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଦ୍ୱାରା ୧୬୧ଜଣ ନିଯୁକ୍ତି ପାଇଥିବା ଗୃହରେ ସୂଚନା ଦିଆଯାଇଥିଲା। ଗାୟତ୍ରୀ ଏଜୁକେଶନାଲ ଏବଂ ଚାରିଟେବୁଲ ସଂସ୍ଥା ଦ୍ୱାରା ନବରଙ୍ଗପୁର ଓ ଉମରକୋଟ କାରାଗାରରେ ଏଲ୍ଇଡି ଟେକ୍ନିକାଲ, ରାଇଘର ଓ ଉମରକୋଟ ଆଇଟିଆଇଠାରେ ସୋଲାର ପ୍ୟାନେଲ ଏବଂ ମୋବାଇଲ ହାର୍ଡୱେର ମରାମତି ଉପରେ ତାଲିମ ଦିଆଯିବ। ସେଭଳି ଓରିକସ୍ ସଂସ୍ଥା ପକ୍ଷରୁ ମଧ ତାଲିମ ପ୍ରଦାନ କରାଯିବ। ଗ୍ଲୋବାଲ ଫ୍ଲାଇଟ୍ ହାଣ୍ଡଲିଂ ସର୍ଭିସ ପକ୍ଷରୁ ନବରଙ୍ଗପୁର ଜିଲାର ଝିଅ ଅଲିଭା ଦୀନବନ୍ଧୁ ମନୋନୀତ ହୋଇ ଚେନ୍ନାଇରେ ତାଲିମ ନେଉଛନ୍ତି। ଅତିଶୀଘ୍ର ଆଭିଏସନ କ୍ଷେତ୍ରରେ ନିଯୁକ୍ତି ମିଳିବ। ଆସନ୍ତା ୧୯ରେ ସ୍ଥାନୀୟ ଆର୍ସିଡି ହାଇସ୍କୁଲ ପଡ଼ିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥା ମେଡିପ୍ଲସ୍, ଜି ୪ ସିକ୍ୟୁରିଟି, ମୁଥୁଟ ଫାଇନାନ୍ସ, ଶ୍ରୀରାମ ଫାଇନାନ୍ସ, ଉତ୍କର୍ଷ ଫାଇନାନ୍ସ, ସୁରକ୍ଷା ସ୍ୱାସ୍ଥ୍ୟବୀମା ଏମଆର୍ ଏଲ୍ ଜୁଏଲ ଏବଂ ଅନ୍ୟାନ୍ୟ ଘରୋଇ ସଂସ୍ଥା ଯୋଗଦେବେ। ଯେଭଳି ଅଧିକରୁ ଅଧିକ ଯୁବତୀଯୁବକ ତାଲିମ ନେଇ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥାରେ କର୍ମସଂସ୍ଥାନ ପାଇପାରିବେ ସେ ଉପରେ ସମସ୍ତେ ବିଶେଷ କରି ପିଆର୍ଆଇ ସଭ୍ୟଙ୍କୁ ଅନ୍ତର୍ଭୁକ୍ତ କରି କାର୍ଯ୍ୟ କରିବାକୁ ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ ମତ ଦେଇଥିଲେ।

## ଯୋଗଦେଲେ ତେନ୍ତୁଲିଖୁଣ୍ଟିର ପ୍ରଥମ ମହିଳା ତହସିଲଦାର

ତେନ୍ତୁଲିଖୁଣ୍ଟି, ୬।୩ (ଚିଦାନନ୍ଦ ସାହୁ)


ପୁଷ୍ପାଞ୍ଜଳି କନ୍ଧପାନ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ନୂତନ ତହସିଲଦାରଭାବେ ପୁଷ୍ପାଞ୍ଜଳି କନ୍ଧପାନ ଯୋଗଦେଇଛନ୍ତି। ସେ ପୂର୍ବରୁ ନୂଆପଡା ଜିଲାରେ କାର୍ଯ୍ୟରତ ଥିଲେ। ଗୁରୁବାର ତେନ୍ତୁଲିଖୁଣ୍ଟି ମାନବ ସେବା ଗ୍ରୁପ୍ର ଅଖିଳ ଭତ୍ରା, ଭିକି ପାତ୍ର, ରାଜନେତା ଭୀମସେନ ପଣିଗ୍ରାହୀ, ଅଜୟ ହିଆଲ, ଓକିଲ ବିନୟ ଛାତି, ଖବରଦାତା ସୁଶାନ୍ତ ଶତପଥୀ, ଗୋପାଳ କୃଷ୍ଣ ନାୟକ, ରବିନାରାୟଣ ପଣ୍ଡା, ଅଜିତ ଟାକ୍ରି ପ୍ରମୁଖ ତହସିଲଦାରଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ତେନ୍ତୁଲିଖୁଣ୍ଟିବାସୀ ଆଜି ପର୍ଯ୍ୟନ୍ତ ପଟ୍ଟା ପାଇନଥିବା ନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଭଳି ସମସ୍ୟାର ଶୀଘ୍ର ସମାଧାନ ହେବ ସେ ସମ୍ପର୍କରେ ବୁଝିବା ସହ ପଟ୍ଟା ଦେବାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାନୁଯାୟୀ ପୁଷ୍ପାଞ୍ଜଳି କନ୍ଧାପାନ ତେନ୍ତୁଲିଖୁଣ୍ଟି ତହସିଲର ପ୍ରଥମ ମହିଳା ତହସିଲଦାର।

## ମରଣଯନ୍ତା ପାଲଟିଛି ବଜାର ମୁଖ୍ୟ ରାସ୍ତା ପ୍ରବେଶ ପଥ


ଖରାପ ହୋଇଯାଇଥିବା ରାସ୍ତା ।

କୋରୁକୋଣ୍ଡା, ୬।୩(ଶିବଦତ୍ତ ସାହୁ)

**ବାଲିମେଳା ଏନ୍ଏସି**

ବାଲିମେଳା ସହରର ଆଇଏମ୍ଏସ୍ଟି ସ୍କୁଲ ଛକରୁ ଦୈନିକ ବଜାରକୁ ଯିବା ମୁଖ୍ୟ ରାସ୍ତାର ପ୍ରବେଶ ପଥ ପ୍ରାୟ ୬୦ ମିଟର ପର୍ଯ୍ୟନ୍ତ ମରଣଯନ୍ତା ପାଲଟିଛି। ବାଲିମେଳା ପାୱାର ହାଉସ ମୁଖ୍ୟ ରାସ୍ତାକୁ ଏହା ସଂଯୋଗ କରିଥିବା ସ୍ଥାନରେ କଂକ୍ରିଟ ଉଠିଯାଇ ସେଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ପ୍ରାୟ ୬୦ ମିଟର ରାସ୍ତାରୁ ଚିପ୍ସ ଓ ମେଟାଲ ବାହାରି ପଡିବା ଯୋଗୁ ଉକ୍ତ ରାସ୍ତାରେ ଛୋଟ ବଡ ଖାଲଖମା ସୃଷ୍ଟି ହୋଇଛି। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ଦୈନିକ ବଜାରକୁ ଯାତାୟାତ କରୁଥିବା ସହରବାସୀ ଓ ବିଭିନ୍ନ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯାଉଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଏନ୍ଏସିର ୯ ନମ୍ବର ୱାର୍ଡ କାଉନସିଲର କୃଷ୍ଣ ବାଘ,୬ ନମ୍ବର ୱାର୍ଡର କାଉନସିଲର ଡୁଲାମଣି ଛତିଙ୍କ ସମେତ ଉକ୍ତ ସାହିରେ ବାସ କରୁଥିବା ଲାଇବନ ଖରା,ପଦଲାମ ନାଗ, ସନ୍ତୋଷ ନାୟକ, ମଙ୍ଗଳା ହରିଜନ ଓ ବଳରାମ ପାଙ୍ଗୀଙ୍କ ସମେତ ବହୁ ଲୋକ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କେହି କର୍ଣ୍ଣପାତ କରୁ ନ ଥିବା ସେମାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏନ୍ଏସି ନିର୍ବାହୀ ଅଧିକାରୀ ମୁନା ତୁର୍କୁଙ୍କୁ ପଚାରିବାରୁ ଉକ୍ତ ରାସ୍ତା ତୁରନ୍ତ ନିର୍ମାଣ କରାଯିବ। ଏହାର ସ୍ଥିତି ଅନୁଧାନ ପାଇଁ ଜଣେ କନିଷ୍ଠଯନ୍ତ୍ରୀଙ୍କୁ ସେଠାକୁ ପଠାଯାଇଛି ବୋଲି କହିଛନ୍ତି।

# ବିଜୁବାବୁଙ୍କ ଅସ୍ତିତ୍ୱ ଲୁଚାଇବାକୁ ଷଡ଼ଯନ୍ତ୍ର: ବିଜେଡି

ଜୟପୁର/ ଦଶମନ୍ତପୁର/ ପଟ୍ଟାଙ୍ଗି, ୬।୩
(ପବନ ପାଣିଗ୍ରାହୀ/ ଅରବିନ୍ଦ ନାୟକ/ ଶରତ କୁମାର ଧଳ)

**ବିଭିନ୍ନ ସ୍ଥାନରେ ବିଜେଡିର ବିକ୍ଷୋଭ, ଧାରଣା**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ ନ କରିବାକୁ ଭାଜପା ସରକାର ନେଇଥିବା ନିଷ୍ପତ୍ତି ବିରୋଧରେ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜୁବାବୁଙ୍କ ଅସ୍ତିତ୍ୱକୁ ଲୁଚାଇବାକୁ ଭାଜପା ଏପରି ହୀନ ଚକ୍ରାନ୍ତ କରୁଛି । ଓଡ଼ିଶା ଅସ୍ମିତାର ଦ୍ୱାହି ଦେଇ ଭାଜପା ନିର୍ବାଚନ ଜିତିଥିବାବେଳେ ଏହା କ'ଣ ଓଡ଼ିଆ ଅସ୍ମିତା କି ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି।

ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ପୂର୍ବାହ୍ନ ୧୧ ବିଜେଡି ନେତା ଓ କର୍ମୀମାନେ ଧାରଣା ଦେଇଥିଲେ। ଭାଜପାର ନିଷ୍ପତ୍ତି ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ଅପମାନ ବୋଲି ସେମାନେ କହିଛନ୍ତି। ଏହି ବିକ୍ଷୋଭବେଳେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବରିଷ୍ଠ ନେତା ଅନୁପ ପାତ୍ର, ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦୁର୍ଗା ମିଶ୍ର, ପୌର ଉପାଧ୍ୟକ୍ଷ ବି. ସୁନିତା, ବିଜେଡି କାଉନସିଲର ଓ କର୍ମୀମାନେ ଉପସ୍ଥିତ ଥିଲେ।

ଦଶମନ୍ତପୁରରେ ବ୍ଲକ୍ ସଭାପତି ମହେନ୍ଦ୍ର କୁଲଦୀପଙ୍କ ତତ୍ତ୍ୱାବଧାନରେ ପ୍ରତିବାଦ କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବ୍ଲକ୍ ଉପାଧ୍ୟକ୍ଷ ଅରୁଣ କୁମାର ଚେଟି, ପୂର୍ବତନ ବିଧାୟକ ପ୍ରଭୁ ଜାନି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଦଶରଥ ମୁଦୁଲି, କୁମୁଦ ସାଉଁତା, ଅନନ୍ତ ଖରା, ପଦ୍ମନାଭ ଜାନି, ଆଶିଷ ଚେଟିଙ୍କ ସମେତ ଦଳୀୟ ବିଜେଡି ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନାଧିକାରୀ ସୁକୁମା ହାସଦାଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଛି।

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ପୀତମ୍ ପାଢୀ ଓ ପ୍ରଫୁଲ୍ଲ ପାଙ୍ଗୀଙ୍କ ନେତୃତ୍ୱରେ ମିନି ଷ୍ଟାଡିୟମରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୁଆଁଗା ସରପଞ୍ଚ ସୁବାସ ଖରା, ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ପ୍ରଦୀପ ପଣ୍ଡା, ପ୍ରତାପ ଚୌଧୁରୀ ଉପସ୍ଥିତ ଥିଲେ। ସଭା ଶେଷରେ ଷ୍ଟାଡିୟମରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା। ବିଜୁ ପଟ୍ଟନାୟକ ଜଣେ ଅମାମିୟ ରାଜନେତା ଥିଲେ। ସେ ଦେଶ ଓ ରାଜ୍ୟ ପାଇଁ ସଂଗ୍ରାମ କରିଥିଲେ ବୋଲି ପୂର୍ବତନ ବିଧାୟକ ପାଙ୍ଗି କହିଥିଲେ। ପୂର୍ବତନ ବିଧାୟକ ପାଢୀ ଆଦିବାସୀ ଗୀତ ଛି ଛି ନନି ଗୀତ ଗାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅସମ୍ମାନକୁ ବରଦାସ୍ତ କରା ଯିବ ନାହିଁ ବୋଲି କହିଥିଲା। ରାଜ୍ୟ ସରକାର ଏହି ଭୁଲ୍ ପାଇଁ କ୍ଷମା ନ ମାଗିଲେ ଆନ୍ଦୋଳନ ତୀବ୍ର ହେବ ବୋଲି କହିଥିଲେ।


ଜୟପୁରରେ ବିଜେଡି ନେତାମାନେ ବିକ୍ଷୋଭ କରୁଛନ୍ତି।

## ଧଉଡ଼ାଗୁଡ଼ା ଗ୍ରାମରେ ସାମାଜିକ ନାଟକ ମଞ୍ଚସ୍ଥ

ମାଥିଲି, ୬।୩(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ ଧଉଡାଗୁଡା ଗ୍ରାମରେ ସାମାଜିକକର୍ମୀ ସଦାଶିବ ପୂଜାରୀଙ୍କ ଉପସ୍ଥିତିରେ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ହସ କାନ୍ଦ ଭରା ଥିବା ଏହି ସୁପରହିଟ୍ ନାଟକ ଦର୍ଶକଙ୍କ ମନରେ ଆନନ୍ଦ ଦେଇଥିଲା। କର୍ଣ୍ଣଗୁରୁଙ୍କ ଶିଷ୍ୟ ବଳି ଗୁରୁଙ୍କ ନୃତ୍ୟ ପରିବେଷଣ ଏବଂ କଣ୍ଠଶିଳ୍ପୀମାନଙ୍କ ସୁନ୍ଦର ଗୀତ ପରିବେଷଣ ଏହି ଉତ୍ସବକୁ ଆକର୍ଷଣୀୟ କରିଥିଲା। ସ୍ଥାନୀୟ ସରପଞ୍ଚ, ବିଭିନ୍ନ ମାନ୍ୟଗଣ ବ୍ୟକ୍ତି ଏବଂ ହଜାର ହଜାର ଦର୍ଶକ ଉପସ୍ଥିତ ଥିବାରୁ ଗାଁର ସମସ୍ତେ ଏହି ଉତ୍ସବକୁ ଉପଭୋଗ କରିଥିଲେ। ଏପରି ସାମାଜିକ ଏବଂ ସଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳର ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ ବୋଲି ସାମାଜିକକର୍ମୀ ପୂଜାରୀ କହିଛନ୍ତି।

## ରେଜିଷ୍ଟ୍ରାରଙ୍କ କାର୍ଯ୍ୟରେ ଯୋଗଦାନ

ଜୟପୁର,୬।୩ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଭାବେ ମହେଶ୍ୱର ନାୟକ ଯୋଗ ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଉନ୍ନତି ଦିଗରେ ଆଲୋଚନା ଓ କାର୍ଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ସହ ସେ ଆଲୋଚନା କରିଥିଲେ।

## ଜଳସାଥୀ ମହାସଂଘର ଦାବିପତ୍ର


ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଜୟପୁର,୬।୩(ପବନ ପାଣିଗ୍ରାହୀ)

ଓଡ଼ିଶା ଜଳସାଥୀ ମହାସଂଘ ଜୟପୁର ଶାଖା ପକ୍ଷରୁ ଏକ ଦାବିପତ୍ର ବିଧାୟକ ତାରାପ୍ରସାଦ ବାହିନୀପତି, ଜୟପୁର ଉପଜିଲାପାଳ ଏ.ସସ୍ୟା ରେଡ୍ଡୀ ଓ ପେରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ପୌର ପରିଷଦଗୁଡ଼ିକରେ କାର୍ଯ୍ୟରତ ୮୬୦ ଜଳସାଥୀଙ୍କୁ ନିୟମିତ, ବୋନସ ପ୍ରଦାନ, ମୃତ୍ୟୁକାଳୀନ ସହାୟତା ୧୦ ଲକ୍ଷ, ମିଟର ରିଡିଂ ଚାର୍ଜ ୨୦ ଟଙ୍କା କରିବାକୁ ଦାବି ହୋଇଛି। ଜଳସାଥୀ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା, ଚାକିରିର ସ୍ଥାୟିତ୍ୱ ଘୋଷଣା ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ଆଗାମୀ ଦିନରେ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବିଧାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଝଗଡ଼ା କରୁଥିବା ଅଭିଯୋଗ ଆଣି ୨ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

ତେନ୍ତୁଲିଖୁଣ୍ଟି, ୬।୩ (ଚିଦାନନ୍ଦ ସାହୁ)

- ବେଜୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ
- ଅଭିଯୋଗ ତଦନ୍ତ କଲେ ଏବିଇଓ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଲମତାଗୁଡ଼ା ପଞ୍ଚାୟତ ବେଜୁଗୁଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୨ଜଣ ସହକାରୀ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଛନ୍ତି ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ। ଶିକ୍ଷୟିତ୍ରୀ ୨ ଜଣ ନିଜ ନିଜ ମଧ୍ୟରେ ମନାନ୍ତର ଓ ମତାନ୍ତର ଯୋଗୁ ପ୍ରାୟତଃ ଝଗଡ଼ା କରୁଥିବା ଅଭିଯୋଗକରି ସେମାନଙ୍କ ବଦଳି ଦାବି କରାଯାଇଛି। ପୂର୍ବରୁ କରାଯାଇଥିବା ଏହି ଅଭିଯୋଗ ତଦନ୍ତ ପାଇଁ ଗୁରୁବାର ଏବିଇଓ ମୋହନ ମଧୁସୂଦନ ବାଗ ଓ ବିଇଓ କାର୍ଯ୍ୟାଳୟର ବରିଷ୍ଠ ସହାୟକ ସିଆର୍ସିସି ସର୍ବେଶ୍ୱର ପତିଙ୍କ ସହ ସ୍କୁଲକୁ ଯାଇ କମିଟି ସଭ୍ୟ ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣା ସମ୍ପର୍କରେ ଉଭୟ ଶିକ୍ଷୟିତ୍ରୀଙ୍କ ମତ ମଧ ନେଇଥିଲେ। ତଦନ୍ତ ରିପୋର୍ଟ ବିଇଓଙ୍କୁ ଦିଆଯିବ ବୋଲି ଏବିଇଓ ବାଗ କହିଛନ୍ତି।

ସୂଚନାନୁଯାୟୀ, ବିଦ୍ୟାଳୟ ଶିକ୍ଷୟିତ୍ରୀ ସୌଦାମିନୀ ନାୟକ ଓ ଜ୍ୟୋତିରେଖା ବାଘଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ହେଉଥିଲା। ଏହା ଶୈକ୍ଷିକ ବାତାବରଣକୁ ଦୂଷିତ କରୁଛି ବୋଲି ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବହୁବାର ବୁଝାଇବା ଚେଷ୍ଟାକରିଥିଲେ ମଧ୍ୟ କୌଣସି ସୁଧାର ଆସିପାରୁନାହିଁ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ରହୁଛି। ଏଣୁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବଦଳିକରି ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଥିଲେ। ଆଲୋଚନା ବେଳେ ବାବୁଲା ନାୟକ, ସନ୍ତୋଷ ମହାକୁଡ ଉପସ୍ଥିତ ଥିଲେ। ଅଭିଯୋଗ ସମ୍ପର୍କରେ ଶିକ୍ଷୟିତ୍ରୀ ସୌଦାମିନୀ ନାୟକଙ୍କୁ ପଚାରିବାରୁ ସେ ତାହାକୁ ଖଣ୍ଡନ କରିଛନ୍ତି। ଘରୋଇ ଝଗଡ଼ାକୁ ସିଆର୍ସିସି ଆକ୍ରୋଶମୂଳକ ଭାବେ ତାଙ୍କ ବିରୋଧରେ ପ୍ଲଟ ରଚନା କରୁଥିବା ସେ କହିଛନ୍ତି। ଶିକ୍ଷୟିତ୍ରୀ ଜ୍ୟୋତିରେଖା ବାଘଙ୍କୁ ପଚାରିବାରୁ ତଦନ୍ତ ଆଧାରରେ ପଦକ୍ଷେପ ନେବାକୁ ସ୍ୱାଗତ କରିବେ ବୋଲି କହିଛନ୍ତି । କିନ୍ତୁ ଡେପୁଟେଶନ ଦଣ୍ଡ ଭଳି ହେବ ବୋଲି ସେ ମତ ଦେଇଛନ୍ତି।


ଶିକ୍ଷା ବିଭାଗୀୟ ଅଧିକାରୀମାନେ ସ୍କୁଲରେ ତଦନ୍ତ କରୁଛନ୍ତି।

# ବିଜୁବାବୁଙ୍କୁ ଅବମାନନା ପ୍ରତିବାଦରେ ଆନ୍ଦୋଳନ

ନବରଙ୍ଗପୁର/ ଉମରକୋଟ/ ଡ଼ାବୁଗାଁ/ଚନ୍ଦାହାଣ୍ଡି, ୬।୩
(ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ/ ପ୍ରଜ୍ଞାରଞ୍ଜନ ପରିଡ଼ା/ ଦିଲୀପ ଦାସ)



ନବରଙ୍ଗପୁରରେ ମାଝୀଗୁଡ଼ା ଛକ ନିକଟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍ପି ପ୍ରଦୀପ ମାଝି, ବିଧାୟକ ସଦାଶିବ ପ୍ରଧାନୀ ଓ ବିଜେଡି ନେତାମାନେ ପ୍ରତିବାଦ କରୁଛନ୍ତି।

ବିଜେଡି ସରକାରଙ୍କ ସମୟରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା। ନୂତନ ସରକାର ବିଜୁ ଜୟନ୍ତୀ ବଦଳରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୁ ଜୟନ୍ତୀରେ ସମସ୍ତ ବିଦ୍ୟାଳୟ ଓ କାର୍ଯ୍ୟାଳୟ ଛୁଟି ବାତିଲ କରାଯାଇଛି। ଏହା ବିଜୁବାବୁଙ୍କ ପ୍ରତି ଅପମାନ ବୋଲି ବିଜେଡି ଅଭିଯୋଗ କରିଛି। ଏ ନେଇ ଗୁରୁବାର ବିଜେଡି ପକ୍ଷରୁ ନବରଙ୍ଗପୁର ଜିଲାବ୍ୟାପୀ ପ୍ରତିବାଦ କରାଯାଇଛି। ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତ୍ରିସ୍ତରୀୟ ପଞ୍ଚାୟତକୁ ଅଧିକ ସଶକ୍ତ କରିବା ପାଇଁ ଗଠନ ମୂଳକ ପଦକ୍ଷେପ ସହ ପଞ୍ଚାୟତସ୍ତରରେ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେଇଥିଲେ। ଦେଶରେ ପ୍ରଥମଥର ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ଭାଗୀଦାରିକୁ ବଢ଼ାଇବା ଲକ୍ଷ୍ୟ ନେଇ ୩୩ ପ୍ରତିଶତ ସଂରକ୍ଷଣ କରିଥିବା ନେଇ ମତ ଦେଇଥିଲେ।

ନବରଙ୍ଗପୁର ମାଝିଗୁଡ଼ା ଛକ ନିକଟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଦଳୀୟ ନେତାମାନେ ଧାରଣା ଦେଇଥିଲେ। ବିଜୁବାବୁ ଗରିବ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବା ଉପସ୍ଥିତ ନେତାମାନେ କହିଥିଲେ। ସେ ସାଧାରଣ ଜନତାଙ୍କ ସ୍ୱର ହୋଇ ଅନ୍ୟାୟର ଦୃଢ଼ ପ୍ରତିବାଦ କରୁଥିବାରୁ ଲୋକଙ୍କ ହୃଦୟରେ ରହୁଥିଲେ। ଏବେ ଭାଜପା ସରକାର ହୀନ ରାଜନୀତି କରି ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ କରିଥିବାରୁ ବିଜେଡି ତାହାକୁ ନିନ୍ଦା କରୁଥିବା ଉପସ୍ଥିତ ଦଳୀୟ ନେତାମାନେ କହିଥିଲେ। ଏହି ପ୍ରତିବାଦ ସ୍ଥଳୀରେ ପ୍ରଦୀପ ମାଝୀ, ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମୋତିରାମ ନାୟକ, କୌଶଲ୍ୟା ପ୍ରଧାନୀ, କୃଷ୍ଣାମଞ୍ଜରୀ ବିଷୋୟୀ, ପ୍ରମୋଦ ରଥ, ବ୍ଲକ ବିଜେଡି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟରେ ରାଇଘର ବ୍ଲକ ପୂର୍ବତନ ଅଧକ୍ଷା ନବୀନା ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉମରକୋଟ ନୂତନ ବସ୍ଷ୍ଟାଣ୍ଡ ନିକଟରେ ଥିବା ବିଜୁ ଶିଶୁ ଉଦ୍ୟାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ଉମରକୋଟ ପୌରାଧ୍ୟକ୍ଷ ରାଧା ଭତ୍ରା, ଉମରକୋଟ ବ୍ଲକ୍ ଅଧ୍ୟକ୍ଷ ସୁଶୀଳା ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, କାଉନସିଲର ତପନ ଦେବନାଥ, ସରୋଜିନୀ ଶବର, ନିଲମ ହରିଜନ, ମନୋଜ ନାୟକ, ଉମରକୋଟ ବିଜେଡି ନଗର ସଭାପତି କୈଳାସ ନାୟକ, କାଲୁ ପଣ୍ଡା, ସଲିମ ରାଠୋର, ଟିନା ବାବୁ, ବ୍ଲକ ବିଜେଡ଼ି ସଭାପତି ଅଜିତ ପ୍ରଧାନ, ଦେବୀସିଂ ମାଝୀଙ୍କ ସମେତ ବରିଷ୍ଠ, ଯୁବ, ଛାତ୍ର, ମହିଳା ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ। ରାଜ୍ୟ ସରକାର ଏଭଳି ମନୋବୃତ୍ତିରୁ ନିବୃତ ନ ରହିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ଗଣ୍ଡ ଚେତାବନୀ ଦେଇଛନ୍ତି।

ଡାବୁଗାଁରେ ବ୍ଲକ୍ ବିଜେଡି କର୍ମକର୍ତ୍ତାମାନେ ଏକାଠି ହୋଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିଜୁବାବୁଙ୍କ ପ୍ରତି ଅସମ୍ମାନ ବୋଲି କହିଥିଲେ। ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ପାଳନ ସହ ଉକ୍ତ ଦିନକୁ ଛୁଟି ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବରିଷ୍ଠ ନେତା ଏମ୍. ଆପ୍ପା ରାଓଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସାଭ୍ୟା ସଭ୍ୟ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

ଚନ୍ଦାହାଣ୍ଡିରେ ଗୌରହରି ନାୟକଙ୍କ ସଭାପତିତ୍ୱରେ ଯାଦବ ମାଝୀ ବସ୍ ଷ୍ଟାଣ୍ଡରୁ ବିଜେଡିକର୍ମୀ ଏକାଠିହୋଇ ଶୋଭାଯାତ୍ରାରେ ବାହାରି ସରକାର ବିରୋଧରେ ନାରାବାଜି କରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। ଝରିଗାଁ ପୂର୍ବତନ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ, ଜିଲା ବିଜେଡି ସଂଯୋଜକ ତଥା ବରିଷ୍ଠ ନେତା ପ୍ରମୋଦ ପାଢ଼ୀ, ବ୍ଲକ୍ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ଜୋନ୍-୧ ଓ ୨ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀମାଳୀ ଗୌଡ଼, ସରପଞ୍ଚ ଦୁଲବ ପୂଜାରୀ, ସମିତି ସଭ୍ୟ ଟେକରାମ ମାଝୀ, ବରିଷ୍ଠ ନେତା ରଷ୍ଟୁ ବାଗ ପ୍ରମୁଖଙ୍କ ସମେତ ଯୁବ, ଛାତ୍ର ଓ ବରିଷ୍ଠ ନେତୃବୃନ୍ଦ ଏବଂ ବହୁସଂଖ୍ୟାରେ ବିଜୁପ୍ରେମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

